ଶନିବାର, ୧୩ ଜାନୁଆରୀ, ୨୦୨୪

# ପିଲାଙ୍କ ଧରିତ୍ରୀ



## ଖୁଲି ଖୁଲି ହସ

ଗୋଟେ ପିଲା ଚିଣ୍ଟୁକୁ କହିଲା–ଆରେ ତୁ ଚାଇନା ଭାଷା ପଢ଼ିପାରିବୁ ?
ଚିଣ୍ଟୁ: ହଁ, ଯଦି ତାହା ଇଂରାଜୀ କିମ୍ବା ହିନ୍ଦୀରେ ଲେଖା ହୋଇଥିବ ତେବେ !

ଡେରି ରାତିରେ ମଣ୍ଟୁ ଚିକୁର ଘର କବାଟ ଠକ୍‌ଠକ୍ କଲା । ଏହା ଶୁଣି ଚିକୁ କହିଲା କିଏ ?
ମଣ୍ଟୁ: ମୁଁ
ଚିକୁ : ମୁଁ ମାନେ କିଏ ?
ମଣ୍ଟୁ: ଆରେ ପାଗଳ ତୁ ଚିକୁ !

ଶିକ୍ଷକ କ୍ଲାସ୍‌ରେ ପଢ଼ାଉଥିବା ସମୟରେ ପଚାରିଲେ, ଆଚ୍ଛା ପିଲାମାନେ କହିଲ ବିଲେଇ କାହିଁକି ଲାଞ୍ଜ ହଲାଏ ?
ଛାତ୍ର: ସାର୍, ଲାଞ୍ଜ ତା'ର ସେଥିପାଇଁ ସେ ହଲାଏ ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ । ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ ।

**ଆମ ଠିକଣା**
dharitrifeature@gmail.com

# ଚତୁରୀ ଗଉରୀ



## ଗପ

ଅନେକ ବର୍ଷ ପୂର୍ବେ ଗୋଟିଏ ଛୋଟିଆ ଗାଁରେ ମାଧବ ନାମରେ ଜଣେ କୃଷକ ରହୁଥିଲା । ସେ ଗାଁ ସାହୁକାରଠାରୁ ଅନେକ ଟଙ୍କା କରଜ ଆଣିଥିଲା, ହେଲେ ଶୁଝିପାରି ନ ଥିଲା । ମାଧବର ସୁନ୍ଦରୀ ଝିଅଟିଏ ଥିଲା । ତା'ର ନାମ ଥିଲା ଗଉରୀ । ସାହୁକାର ତାକୁ ବିବାହ କରିବାକୁ ଇଚ୍ଛାପ୍ରକାଶ କଲା । ସାହୁକାରର ବୟସ ଅଧିକ ହୋଇଥିଲା ଏବଂ ସେ ଦେଖିବାକୁ କଦାକାର ଥିଲା । ତେଣୁ ଗଉରୀ ତାକୁ ବିବାହ କରିବାକୁ ଚାହୁଁ ନ ଥିଲା ।

ସାହୁକାର ଏ ନେଇ ଗୋଟିଏ ମୂଳଚାଲ କଲା । ମାଧବ ଯଦି ଗଉରୀ ସହ ସାହୁକାରର ବିବାହ କରିଦିଏ, ତାହାହେଲେ ସେ ତା'ର ସମସ୍ତ କରଜ ଟଙ୍କା ଛାଡ଼ିଦେବ । ମାଧବ ଏବଂ ଗଉରୀ ଏହି ବିବାହ ପାଇଁ ରାଜି ହେଲେ ନାହିଁ । ଏହାପରେ ଧୂର୍ତ୍ତ ସାହୁକାର କହିଲା ଯେ, ସେ ଗୋଟିଏ ଥଳିରେ ଗୋଟିଏ କଳା ଗୋଡ଼ି ଏବଂ ଗୋଟିଏ ଧଳା ଗୋଡ଼ି ରଖିବ । ଏହାପରେ ଗଉରୀ ଥଳି ମଧ୍ୟରୁ ଗୋଟିଏ ଗୋଡ଼ି ବାହାର କରିବ । ଯଦି ସେ କଳା ଗୋଡ଼ି ବାହାର କଲା ତାହାହେଲେ ସେ ସାହୁକାରକୁ ବିବାହ କରିବ ଏବଂ ସେ ମାଧବର ସମସ୍ତ କରଜ ଟଙ୍କା ଛାଡ଼ କରିଦେବ । ଯଦି ସେ ଧଳା ଗୋଡ଼ି ବାହାର କଲା ତାହାହେଲେ ଗଉରୀକୁ ବାହା ହେବା ଲାଗି ସାହୁକାର ଜିଦ୍ କରିବ ନାହିଁ ଏବଂ ମାଧବର କରଜ ଟଙ୍କା ମଧ୍ୟ ଛାଡ଼ ପାଇବ ।

ବାପା–ଝିଅ ବହୁତ ବିଚାର ବିମର୍ଶ ପରେ ପ୍ରସ୍ତାବରେ ରାଜିହେଲେ । ଗାଁ ଲୋକେ ମଧ୍ୟ ଏହା ଦେଖିବା ପାଇଁ ଏକାଠି ହେଲେ । ଗ୍ରାମବାସୀ ପରସ୍ପର ସହ କଥାବାର୍ତ୍ତା ହେଉଥିବା ବେଳେ ସେମାନଙ୍କର ଅଲକ୍ଷରେ ସାହୁକାର ରାସ୍ତାରୁ ଦୁଇଟି ଗୋଡି ନେଇ ଥଳିରେ ରଖିଲା । କିନ୍ତୁ ଗଉରୀ ଏ ନେଇ ତୀକ୍ଷ୍ଣ ନଜର ରଖିଥିଲା । ସେ ଦେଖିଲା ଯେ, ସାହୁକାର ଦୁଇଟି ଯାକ କଳାରଙ୍ଗର ଗୋଡ଼ି ନେଇ ଥଳିରେ ରଖିଲା ।

ସମସ୍ତଙ୍କ ଆଗରେ ସାହୁକାର ଗୋଡ଼ି ବାହାର କରିବାକୁ ଗଉରୀକୁ କହିଲା । ଗଉରୀ ମୁଣ୍ଡକୁ ଏକ ବୁଦ୍ଧି ଜୁଟିଲା । ସେ ସମସ୍ତଙ୍କ ସାମ୍‌ନାରେ ଗୋଟିଏ ଗୋଡି ବାହାର କରି କାହାକୁ ନ ଦେଖାଇ ପୋଖରୀ ଭିତରକୁ ଫୋପାଡ଼ି ଦେଲା । ଏହାପରେ ଗଉରୀ କହିଲା, ଓ ହୋ, ମୁଁ କ'ଣ କଲି ? ମୋର ବୁଦ୍ଧି ବୋଧହୁଏ ବଣା ହୋଇଯାଇଥିଲା । ଏବେ ଥଳିରେ ଥିବା ଗୋଡ଼ିର ରଙ୍ଗ ଦେଖିଲେ ଜଣାପଡ଼ିବ ଯେ ମୁଁ କେଉଁ ରଙ୍ଗର ଗୋଡି କାଢ଼ିଛି ? ଯେହେତୁ ଥଳିରେ କଳା ଗୋଡ଼ି ଥିଲା, ତେଣୁ ଗଉରୀ ଥଳିରୁ ଧଳା ଗୋଡ଼ି ବାହାର କରିଛି ବୋଲି ସମସ୍ତେ ଭାବିଲେ । ଏପରି ଭାବରେ ନିଜ ଚାତୁର୍ଯ୍ୟ ବଳରେ ଗଉରୀ ଗୋଟିଏ ଅସମ୍ଭବ ପରିସ୍ଥିତିରୁ ନିଜକୁ ରକ୍ଷା କରିପାରିଲା ।

ଏଣୁ ସର୍ତ୍ତ ଅନୁଯାୟୀ ସାହୁକାର ମାଧବର ସବୁ କରଜ ଟଙ୍କା ଛାଡ଼ କରିଦେଲା ଏବଂ ଗଉରୀ ସହ ବିବାହର ପ୍ରଶ୍ନ ହିଁ ନ ଥିଲା ।

**–ଇଂ. ମାୟାଧର ସ୍ୱାଇଁ**
ଲକ୍ଷ୍ମୀବିହାର, ଫେଜ୍–୧, ଭୁବନେଶ୍ୱର
ମୋ : ୯୪୩୮୬୯୩୭୨୪

## ମତାମତ

➲ ଜଣାଅଜଣା ପୃଷ୍ଠାରୁ ବିଭିନ୍ନ ବିଷୟରେ ତଥ୍ୟ ଜାଣିବାକୁ ମିଳୁଛି । ଏଥର ପ୍ରକାଶିତ ହୋଇଥିବା ବିଶାଳ ଜଳପ୍ରପାତ, ପକ୍ଷୀଙ୍କ ଲାଗି ପାସ୍‌ପୋର୍ଟ ପାଠଟି ପଢ଼ି ଆଶ୍ଚର୍ଯ୍ୟ ହୋଇଗଲି ।

**–ପୀତାମ୍ବର ସାହୁ, କେନ୍ଦ୍ରାପଡ଼ା**

➲ ପ୍ରକାଶିତ କବିତାଗୁଡ଼ିକ ଶିକ୍ଷଣୀୟ ହେଉଛି ।

**–ରାକେଶ ସ୍ୱାଇଁ, ବାଲେଶ୍ୱର**


➲ କହିଲ ଦେଖି ସ୍ତମ୍ଭଟି ପଢ଼ିବାକୁ ଭଲ ଲାଗୁଛି ।

**–ଦୀପକ ରଞ୍ଜନ ମହାନ୍ତି, ବାଲିକୁଦା ଜଗତ୍‌ସିଂହପୁର**

➲ ଆଇନା ସ୍ତମ୍ଭରେ ପ୍ରକାଶିତ ଫଟୋଗୁଡ଼ିକ ସୁନ୍ଦର ହେଉଛି ।

**–ଶ୍ରୀଲେଖା କାନୁନ୍‌ଗୋ, ନୟାଗଡ଼**

## ରଙ୍ଗ ଦିଅ



# ବିଲେଇ

**କେତେକ ସ୍ଥାନରେ ବିଲେଇକୁ ଗୃହପାଳିତ ପ୍ରାଣୀ ଭାବେ ରଖାଯାଇଥାଏ । ତେବେ ଏହି ଜୀବ ସମ୍ପର୍କରେ ଜାଣନ୍ତୁ କିଛି କଥା ।**

▶▶ ସାଧାରଣତଃ ବିଲେଇଙ୍କ ଆୟୁଷ ୧୨ରୁ ୧୫ ବର୍ଷ ହୋଇଥାଏ । ଏମାନେ ନିଜ ଜୀବନକାଳର ପ୍ରାୟ ୭୦ ପ୍ରତିଶତ ସମୟ ଶୋଇବାରେ ହିଁ କଟାଇ ଦେଇଥାନ୍ତି । ଦିନକୁ ଏମାନେ ପ୍ରାୟ ୧୬ ଘଣ୍ଟା ଶୋଇଥାନ୍ତି ।

▶▶ ଶୋଇବା ସମୟରେ ହିଁ ବିଲେଇଙ୍କର ଗ୍ରୋଥ ହର୍ମୋନ ବାହାରିଥାଏ ।

▶▶ ବିଲେଇର ଶ୍ରବଣ ଶକ୍ତି ବହୁ ଅଧିକ । ମଣିଷମାନେ ୨୦ କିଲୋ ହର୍ଜ ପର୍ଯ୍ୟନ୍ତ ଶବ୍ଦ ଶୁଣି ପାରୁଥିବାବେଳେ ଏମାନେ ୬୪ କିଲୋ ହର୍ଜ ପର୍ଯ୍ୟନ୍ତ ଶବ୍ଦ ଶୁଣିପାରନ୍ତି ।


▶▶ ବିଲେଇ ନିଜ ଉଚ୍ଚତାର ୭ଗୁଣ ଅଧିକ ଉଚ୍ଚକୁ ଲମ୍ଫ ମାରିପାରେ ଏବଂ ଏମାନେ ଘଣ୍ଟା ପ୍ରତି ୩୦ ମାଇଲ୍ ବେଗରେ ଦୌଡ଼ିପାରନ୍ତି ।

▶▶ ମାଈ ବିଲେଇ ମାତ୍ର ୪ ମାସର ହେବା ପରେ ଗର୍ଭଧାରଣ କରିବାର କ୍ଷମତା ହାସଲ କରିଥାଏ ।

▶▶ ବିଲେଇ ପଞ୍ଝାରୁ କେବଳ ଝାଳ ବାହାରିଥାଏ । ଏହାବ୍ୟତୀତ ଶରୀରର ଅନ୍ୟ କୌଣସି ଅଂଶରୁ ଆଦୌ ଝାଳ ବାହାରି ନ ଥାଏ ।

▶▶ ବିଲେଇର ଡିଏନ୍‌ଏ ବାଘର ଡିଏନ୍‌ଏ ସହିତ ୧୫ ପ୍ରତିଶତ ମେଳ ଖାଇଥାଏ ।

▶▶ ଶ୍ୱାସକ୍ରିୟାକୁ ନିୟନ୍ତ୍ରଣ କରିବା ନିମନ୍ତେ ବିଲେଇମାନଙ୍କ ପାଖରେ ଏକ ଅତିରିକ୍ତ ଅଙ୍ଗ ରହିଛି, ଯାହା ମାଧ୍ୟମରେ ସେମାନେ ପବନର ଏକ ସ୍ୱତନ୍ତ୍ରତା ଅନୁଭବ କରିପାରନ୍ତି ।





# ପିଲାଙ୍କ ରୁଚି

**ଆଜିକାଲି ପିଲାମାନେ କେବଳ ପାଠ ନୁହେଁ, ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିବାର ଅନେକ ନଜୀର ରହିଛି। ଏହାକୁ ଆଧାର କରି ସେମାନେ କେବଳ ରାଜ୍ୟ ନୁହେଁ, ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସଫଳତା ଅର୍ଜନ କରୁଛନ୍ତି । ପିଲାଟି ଦିନରୁ ଯଦି ସେମାନଙ୍କର ରୁଚି ପ୍ରତି ମାତା-ପିତା ଧ୍ୟାନ ଦେବେ ତାହା ସେମାନଙ୍କ ପାଇଁ ଏକ ନୂତନ ରାସ୍ତା ଖୋଲି ଦେଇଥାଏ। ସେଭଳି କେତେକ ରୁଚି ବିଷୟରେ ସୂଚନା...**

## ଖେଳକୁଦ

ଅନେକ ଛାତ୍ରୀଛାତ୍ର ଖେଳକୁଦରେ ନିଜର ଦକ୍ଷତା ପ୍ରଦର୍ଶନ କରି ଥାଆନ୍ତି। ପିଲାବେଳୁ ତାଙ୍କର କେଉଁ ଖେଳ ପ୍ରତି ରୁଚି ରହୁଛି ତାହାକୁ ଲକ୍ଷ୍ୟ କରିବା ହେଲା ବଡ଼ କଥା । ଅନ୍ୟପକ୍ଷରେ ପିଲାମାନେ ବିଭିନ୍ନ ପ୍ରକାର ଖେଳ ଦେଖି ତନ୍ମଧ୍ୟରୁ ଗୋଟିଏକୁ ଚୟନ କରିଥାଆନ୍ତି। ଏ କ୍ଷେତ୍ରରେ ସେମାନେ ଠିକ୍ ପ୍ରଶିକ୍ଷଣ ନେଇ ଆଗେଇପାରିଲେ ଭବିଷ୍ୟତରେ ତାହା ସେମାନଙ୍କ ପାଇଁ ସଫଳତା ଆଣିଥାଏ । ଆଜିକାଲି ଆଥଲେଟ୍ ବ୍ୟତୀତ କ୍ରିକେଟ, ଫୁଟବଲ୍, ଭଲିବଲ୍, ବ୍ୟାଡମିଣ୍ଟନ, ଟେନିସ୍, କବାଡି ଆଦି ଖେଳର ଯଥେଷ୍ଟ ଚାହିଦା ରହିଛି। ଅନେକ ସ୍କୁଲରେ ମଧ୍ୟ ପିଲାମାନଙ୍କର ଖେଳକୁଦ ଦକ୍ଷତା ବୃଦ୍ଧି ପାଇଁ ସୁଯୋଗ ରହିଛି। ତେଣୁ ପିଲାମାନେ ଏହାର ସଦୁପଯୋଗ କରିବା ଦରକାର ।

## ଚିତ୍ରକଳା

ଚିତ୍ରକଳା ହେଉଛି ଅନ୍ୟ ଏକ ଅନ୍ତର୍ନିହିତ ରୁଚି। କୌଣସି ଜିନିଷଟିଏ ଦେଖିବା ପରେ କେତେକ ପିଲା ଠିକ୍ ସେହିଭଳି ଚିତ୍ରଟିଏ ଆଙ୍କି ଦିଅନ୍ତି। ଧୀରେ ଧୀରେ ସେମାନେ ଏହାକୁ ନିଜର କ୍ୟାରିୟର ଭାବରେ ଗ୍ରହଣ କରିବାର ଉଦାହରଣ ମଧ୍ୟ ରହିଛି । ଚିତ୍ରକଳା ମାଧ୍ୟମରେ ସମାଜକୁ ଅନେକ ବାର୍ତ୍ତା ମଧ୍ୟ ସେମାନେ ଦେଇପାରିବେ। ଏହା ପ୍ରତି ଆକର୍ଷିତ ହେବା ଲାଗି ଚିତ୍ରକଳା ପ୍ରଦର୍ଶନୀର ମଧ୍ୟ ଆୟୋଜନ ହୋଇଥାଏ । ତେଣୁ ଯଦି ପିଲାର ଏଥିପ୍ରତି ରୁଚି ରହିଛି ତେବେ ତାହାକୁ ଉତ୍ସାହିତ କରନ୍ତୁ। ଚିତ୍ରକଳା ପ୍ରଶିକ୍ଷଣ ନେବା ଲାଗି ଅନେକ ଅନୁଷ୍ଠାନ ମଧ୍ୟ ରହିଛି। ସେଠାରେ ପିଲାମାନଙ୍କୁ ପ୍ରଶିକ୍ଷଣ ଦେଇପାରିବେ।

## ଲେଖାଲେଖି

ଅନେକ ପିଲାଙ୍କର ଲେଖାଲେଖି ପ୍ରତି ରୁଚି ରହିଛି। ଏପରି କି ସ୍କୁଲ କ୍ୟାରିୟରରେ କେତେକ ପିଲା କବିତା କିମ୍ବା ଗଳ୍ପ ସଙ୍କଳନ ରଚନା କରି ପ୍ରଶଂସିତ ହୋଇଛନ୍ତି। ତେଣୁ ପିଲାଟିର ଯଦି ଏଥିଲାଗି ଆଗ୍ରହ ରହିଛି ତେବେ ତାହାକୁ ଉତ୍ସାହିତ କରନ୍ତୁ। ସେ ଲେଖିଥିବା ଗପ, କବିତା, ଆତ୍ମଜୀବନୀ ଯଦି କୌଣସି ପତ୍ରପତ୍ରିକାରେ ପ୍ରକାଶିତ ହୁଏ ତେବେ ତାହା ସେମାନଙ୍କ ପାଇଁ ଆହୁରି ପ୍ରେରଣାଦାୟକ ହୋଇଥାଏ ।

## ଅଭିନୟ

ଅଭିନୟ, ନୃତ୍ୟ, ଗୀତ ଗାଇବା, ବାଦ୍ୟଯନ୍ତ୍ର ବଜାଇବା ପ୍ରତି ପିଲାଙ୍କର ରୁଚି ଆଜିକାଲି ଦେଖିବାକୁ ମିଳୁଛି। ବିଶେଷଭାବରେ ସ୍କୁଲର ବାର୍ଷିକ ଉତ୍ସବରେ ଏ କ୍ଷେତ୍ରରେ ନିଜ ଦକ୍ଷତା ଦେଖାଇବାକୁ ସେମାନଙ୍କୁ ସୁଯୋଗ ମିଳିଥାଏ। କେବଳ ସେତିକି ନୁହେଁ, ଶିଶୁ କଳାକାର ଭାବରେ ଚଳଚ୍ଚିତ୍ର କିମ୍ବା ଧାରାବାହିକରେ ଅଭିନୟ କରିବାର ସୁଯୋଗ ମଧ୍ୟ ରହିଛି। ଏସବୁ କ୍ଷେତ୍ରରେ ଅନେକ ପିଲା ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ଷେତ୍ରରେ ସଫଳତା ହାସଲ କରିଛନ୍ତି । ତେଣୁ ପିଲାଙ୍କର ଏଭଳି ରୁଚିକୁ ଅବହେଳା କରିବା ଠିକ୍ ନୁହେଁ। ହୁଏତ ଭବିଷ୍ୟତରେ ଏହା ସେମାନଙ୍କ ପାଇଁ ରୋଜଗାରର ଅନ୍ୟତମ ମାଧ୍ୟମ ପାଲଟି ଯାଇପାରେ ।

## ଘରସଜା

ଘର ସଜାଇବା ପ୍ରତି ମଧ୍ୟ କେତେକ ପିଲାଙ୍କର ରୁଚି ଦେଖିବାକୁ ମିଳିଥାଏ। ଇଣ୍ଟରନେଟ୍‌ରେ ବିଭିନ୍ନ ଡିଜାଇନ୍ ଅନୁସରଣ କରି ସେମାନେ ଘର ସଜାଇପାରନ୍ତି। ଏପରିକି ବ୍ୟବହାର କରାଯାଉ ନ ଥିବା କେତେକ ଜିନିଷକୁ ନୂଆ ରୂପ ଦେଇ ସେମାନେ ଘର ସଜାଇପାରିବେ। କେବଳ ସେତିକି ନୁହେଁ ଭବିଷ୍ୟତରେ ପାଠପଢ଼ା ପରେ ସେମାନେ ଇଣ୍ଟେରିୟର ଡିଜାଇନିଂ କୋର୍ସ କରିପାରନ୍ତି।



## କ୍ରିକେଟ ଖେଳାଳି ହେବାକୁ ଆଶା ରଖିଛି



ମୁଁ ଏବେ ୫କ୍ଲାସରେ ପଢୁଛି। ମୋର ମନପସନ୍ଦର କ୍ରିକେଟ ଖେଳାଳି ବିରାଟ କୋହଲି। ମୁଁ ପ୍ରତିଦିନ ଉପରବେଳା କ୍ରିକେଟ ଅଭ୍ୟାସ କରିଥାଏ । ତା'ସହ ସ୍କୁଲରେ ମଧ୍ୟ କ୍ରିକେଟ ଖେଳେ। ତେଣୁ ଭବିଷ୍ୟତରେ ଏ କ୍ଷେତ୍ରରେ ଜାତୀୟ ଦଳରେ ସାମିଲ ହେବାକୁ ଆଶା ରହିଛି। ଅନ୍ୟପକ୍ଷରେ ଭଲି ଏବଂ କବାଡି ପ୍ରତି ମଧ୍ୟ ରୁଚି ଅଛି। କେବଳ ସେତିକି ନୁହେଁ, ଘରେ ସମୟ ମିଳିଲେ ମୁଁ ଚିତ୍ର ଆଙ୍କିଥାଏ । ଏସବୁ ସତ୍ତ୍ବେ ପାଠପଢ଼ାକୁ କଦାପି ଅବହେଳା କରେ ନାହିଁ। ତେଣୁ ନିଜ ରୁଚି ପ୍ରତି ଧ୍ୟାନ ଦେବା ସହ ପାଠପଢ଼ା ଯେପରି ଏହାଦ୍ୱାରା ପ୍ରଭାବିତ ନ ହୁଏ ସେଥିପ୍ରତି ସବୁବେଳେ ସତର୍କ ରହିଥାଏ ।

**-ସାର୍ଥକ ଦାସ,** କ୍ଲାସ୍-୫,ନିୟୁ ଷ୍ଟୁଆର୍ଟ ସ୍କୁଲ, କଟକ

## ଗାୟିକା ହେବାକୁ ଲକ୍ଷ୍ୟ



ଗୀତ ଗାଇବା ମୋର ପିଲାଟି ଦିନରୁ ଅଭ୍ୟାସ। ଏପରିକି ସ୍କୁଲରେ ଆୟୋଜିତ ସଙ୍ଗୀତ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ପୁରସ୍କୃତ ହେବା ପରେ ମୋର ଏଭଳି ଆଶା ଦ୍ୱିଗୁଣିତ ହୋଇଯାଇଛି। ବିଶେଷଭାବରେ ଭଜନ ଗାଇବାକୁ ମୋତେ ଭଲ ଲାଗେ। ମୁଁ ପ୍ରତିଦିନ ଆମର ବିଭିନ୍ନ କଣ୍ଠଶିଳ୍ପୀଙ୍କ ଭଜନ ଶୁଣେ। ଏବେ ମୁଁ ସଙ୍ଗୀତ ଶିକ୍ଷା ମଧ୍ୟ କରୁଛି। ଯଦି ମୁଁ ଭବିଷ୍ୟତରେ ଜଣେ ଗାୟିକା ହୁଏ ତେବେ କେବଳ ଭଜନ ହିଁ ଗାଇବି। କାରଣ ଏଥିରେ ମନରେ ଭକ୍ତି ଭାବନା ଜାଗ୍ରତ ହୋଇଥାଏ। ଭଜନଟିଏ ଗାଇବା ପରେ ମୋତେ ବେଶ୍ ଆତ୍ମସନ୍ତୋଷ ମିଳେ। ତେଣୁ ଏବେଠାରୁ ମୁଁ ପାଠପଢ଼ା ସହ ଗୀତ ଗାଇବା ଅଭ୍ୟାସ ଜାରି ରଖିଛି।

**-ଦିଶା ନାୟକ,** କ୍ଲାସ୍-୧୦,ନିର୍ମଳ କନ୍‌ଭେଣ୍ଟ ସ୍କୁଲ,ଗୌର ତୋଟାସାହି,କେନ୍ଦୁଝର

୧
ତାନ୍‌ଭି ତେଜସ୍ୱିନୀ ରାଉତ
କ୍ଲାସ- ୧, ଓଡିଏମ୍ ପବ୍ଲିକ୍ ସ୍କୁଲ, ଭୁବନେଶ୍ୱର





୨
ପ୍ରୀତିପୁଷ୍ପା ଦାଶ
କ୍ଲାସ- ୪, ଜାଭେରିଆନ୍ ହାଇସ୍କୁଲ, ଆଦିମାତା କଲୋନୀ, ଗାଡ଼କଣ, ଭୁବନେଶ୍ୱର

୩
ପ୍ରିୟାଂଶୀ ସାହୁ
କ୍ଲାସ- ୭, ସରସ୍ୱତୀ ଶିଶୁ ମନ୍ଦିର, ନୀଳକଣ୍ଠ ନଗର, ବ୍ରହ୍ମପୁର



୪
ଅମ୍ରିତ ରାଉତ
କ୍ଲାସ-୭, ସରକାରୀ ୟୁ.ପି ସ୍କୁଲ, ମଞ୍ଚେଶ୍ୱର, ଭୁବନେଶ୍ୱର



୫
ନାନ୍‌ସି ପ୍ରିୟଦର୍ଶିନୀ
କ୍ଲାସ- ୫, ବିଜେଇଏମ୍ ସ୍କୁଲ, ସତ୍ୟଭାମାପୁର, ଭୁବନେଶ୍ୱର





୬
ଶିବ ପାତ୍ର
କ୍ଲାସ- ୭, ଭଣ୍ଡ ଗାଁ ସରକାରୀ ବିଦ୍ୟାଳୟ, ମୟୂରଭଞ୍ଜ



୭
ରିଶାନ୍ ଦାଶ
କ୍ଲାସ-୧, ସେଣ୍ଟ ଜାଭିଅର୍ସ ହାଇସ୍କୁଲ, କେଦାରଗୌରୀ, ଭୁବନେଶ୍ୱର

୮
ଜିଜ୍ଞାସା ପ୍ରହରାଜ
କ୍ଲାସ-୩, ବ୍ଲେଶ୍‌ଡ ସାକ୍ରାମେଣ୍ଟ ହାଇସ୍କୁଲ, ପୁରୀ







୧





୨





୫



୩






୪




୬





୭



୮



## କବିତା



### ଆସ ବଣକୁ ଯିବା

ଆସ ଆସ ସାଙ୍ଗ ବଣକୁ ଯିବା
ବଣଭୋଜି କରି ଖୁସି କରିବା,
ସେଠି ରାନ୍ଧିବାଢ଼ି ମିଶି ଖାଇବା
ଖାଇକି ମଜାରେ ଗୀତ ଗାଇବା।
ଅନ୍ଧାର ଆଲୁଅ ଗହନ ବନ
ବୁଲି ବୁଲି କରି କାଟିବା ଦିନ,
ସବୁଜ ପତର ଫାଙ୍କରେ ବାଆ
ଛୁଇଁ ଛୁଇଁ ଯିବ କି ମିଠା ଆହା।
କେତେ ବଣ ଫୁଲ ଥିବଟି ଫୁଟି
ତୋଳିବା ତାହାକୁ ଗୋଟିକି ଗୋଟି,
ଉଡୁଥିବେ କେଙ୍କ ପରଜାପତି
ବଣୁଆ ଚଢେଇ ଜାତିକି ଜାତି।
ଝରଝର ହୋଇ ଝରଣା ଧାଏଁ
ନିଜ ମନ କଥା ଗୀତରେ କୁହେ,
ଡାକିବ ଆମକୁ ପାଖକୁ ଆସ
ହେମାଳ ଲାଗୁଛି ଘଡ଼ିଏ ବସ।
ଦିନ ଥାଉଁ ଥାଉଁ ଫେରି ଆସିବା
ଆସ ଆସ ସାଙ୍ଗ ବଣକୁ ଯିବା।

**– ଡ. ଅରୁଣ କୁମାର ପଣ୍ଡା**
ତୋଟାପଡା, ଘଣ୍ଟେଶ୍ୱର, ଭଦ୍ରକ
ମୋ: ୯୯୩୭୬୭୨୭୦୮

### ଆମ ଓଡ଼ିଶା

ଆଇ ଡାକିଦେଲେ ଆସରେ ପିଲା
କହିବି ଭଲ ଗପଟେ ମୁହିଁ
ନୂଆ କଥା କିଛି ଜାଣିବା ପାଇଁ
ଆସିଗଲେ ସବୁ ପିଲାଏ ଧାଇଁ।
କେତେ କଷ୍ଟରେ ଓଡ଼ିଶା ଆମ
ହେଲା ସ୍ୱତନ୍ତ୍ର ଭୂଇଁ
ଓଡ଼ିଆ ଭାଷା ପାଇଲା ମାନ
ନିଜ ମହିମା ଗାଇ।
ଦେଶ ଭକତି ଜନ୍ମଭୂମି ପ୍ରୀତି
କଲା ଅଥୟ ମନ
ଲଢ଼ି ବସିଲେ ମଧୁସୂଦନ
ଦେଇ ଆପଣା ପ୍ରାଣ ମନ।
ଫକୀରମୋହନ ଗୋପବନ୍ଧୁ
ହାତ ମିଳାଇ ଆସିଲେ ଧାଇଁ
ଶ୍ରୀରାମଚନ୍ଦ୍ର ନବକୃଷ୍ଣ ଆଦି
ଭିଡ଼ିଲେ ଅଣ୍ଟା ସ୍ୱତନ୍ତ୍ର ଉତ୍କଳ ପାଇଁ।
ମାତୃଭୂମି ମାତୃଭାଷା ପ୍ରୀତି
ରଖିବ ମନେ ସଦା ସାଇତି
ମନ ମିଳେଇ ଏକଜୁଟ ହେଲେ
ଓଡ଼ିଶା କରିବ କେତେ ଉନ୍ନତି।

**– ଅନସୂୟା ପଣ୍ଡା**
ବୁର୍ଲା, ସମ୍ବଲପୁର
ମୋ: ୯୪୩୯୨୧୧୯୭୧

### ପାଠୁଆ ପୁଷି

ବିରାଡ଼ି ବେକରେ ଘୁଙ୍ଗୁର, ପୁଣି ପଢୁଚି ପାଠ,
ପଢ଼ିଯିବ ସିଏ ଗୁଡ଼ାଏ, ହବ ବଡ଼ିଆ ଚାଟ।
ପାଠ ନ ଜାଣିଲେ ଟିକିଏ, ବୁଦ୍ଧି ହୋଇବ କାହିଁ !
ଛୁ' ମାରିଯିବେ ମୂଷାଏ, ତାଙ୍କୁ ପାରିବ ନାହିଁ।
କେଉଁ ସଂସ୍କାରୀଟେ ବିଲେଇ, ପଢ଼େ ସଂସ୍କୃତ ପାଠ,
ଜପ ତପ ମନ୍ତ୍ର ଶିଖିବ, ଛାଡ଼ି ଛଳ କପଟ।
ଏକା ଲୟେ ପୁଷି ପଢୁଚି, ପାଠ ମୁଖସ୍ଥ କରି,
ଏକାଗ୍ର ମନରେ ବସିଚି, ସୁନାପିଲାଟେ ପରି।
ପାଠର ମହତ ପିଲାଏ, ଯିଏ ହେଜିଚି ମନେ,
ଦୁନିଆଁରେ ଜିତେ ସବୁଠି, କେବେ ହାରେନା ଦିନେ।

**– ରୁଦ୍ରମାଧବ ସାହୁ**
ବାଘମୁଣ୍ଡା, କାକଟପୁର, ପୁରୀ, ମୋ: ୬୩୭୦୧୩୧୨୬୯

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

## ସର୍ବକନିଷ୍ଠ ସଦସ୍ୟ

ମାତ୍ର ୨ ବର୍ଷର ବାଳିକା ଇସ୍ଲା ଏବେ 'ମେନ୍ସା ଇଣ୍ଟରନ୍ୟାଶନାଲ'ର ସଦସ୍ୟ। ଏହି ସଙ୍ଗଠନରେ ସର୍ବକନିଷ୍ଠ ମହିଳା ସଦସ୍ୟ ହୋଇଥିବାରୁ ଇସ୍ଲାଙ୍କ ନାଁ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି। ଆମେରିକାର କେଣ୍ଟୁକି ଅଞ୍ଚଳର ବାଳିକା ହେଉଛନ୍ତି ଇସ୍ଲା ମ୍ୟାକ୍ ନାବ୍। ମାତ୍ର ୨ ବର୍ଷ ବୟସରେ ସେ ମେନ୍ସାର ସଦସ୍ୟ ହୋଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛନ୍ତି। 'ମେନ୍ସା ଇଣ୍ଟରନ୍ୟାଶନାଲ' ଏଭଳି ଏକ ଅନୁଷ୍ଠାନ ଯେଉଁଠାରେ 'ଆଇକ୍ୟୁ' ଟେଷ୍ଟରେ ୯୮ ପ୍ରତିଶତରୁ ଅଧିକ ନମ୍ବର ରଖିପାରୁଥିବା ବ୍ୟକ୍ତିଙ୍କୁ ସଦସ୍ୟତା ମିଳିଥାଏ। ତେବେ ଇସ୍ଲା ଆଇକ୍ୟୁ ଟେଷ୍ଟରେ ୯୯ ପ୍ରତିଶତ ନମ୍ବର ରଖି ଏଥିରେ ସଦସ୍ୟତା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏବେ ସେ ଏଠାରେ ମହିଳା ବର୍ଗରେ ବିଶ୍ୱର ସର୍ବକନିଷ୍ଠ ସଦସ୍ୟ।




ଇସ୍ଲାଙ୍କର ବିଚକ୍ଷଣ ବୁଦ୍ଧି ବିଷୟରେ ତାଙ୍କ ଅଭିଭାବକ ପ୍ରଥମେ ଜାଣି ପାରିଥିଲେ। ସେ ବର୍ଷକର ହୋଇଥିବା ସମୟରେ ପ୍ରଥମେ ବିଭିନ୍ନ ରଙ୍ଗ, ସଂଖ୍ୟା ଓ ଆଲ୍‌ଫାବେଟ୍ ସମ୍ପର୍କରେ ପଢ଼ିବା ଆରମ୍ଭ କରିଥିଲେ। ୧୮ ମାସ ବେଳକୁ ସେ ବେଶ୍ ସହଜରେ ଏସବୁ ପଢ଼ିବା ଓ ଲେଖିବା ମଧ ଆରମ୍ଭ କରିଥିଲେ। ତେବେ ୨ ବର୍ଷ ବେଳକୁ ସେ ସ୍ପଷ୍ଟ ଭାବରେ ସବୁ କହିପାରୁଥିବାରୁ ଆଇକ୍ୟୁ ଟେଷ୍ଟରେ ପ୍ରଥମ ହୋଇଥିଲେ। ଏହାପରେ ସେ 'ମେନ୍ସା ଇଣ୍ଟରନ୍ୟାଶନାଲ'ରେ ସଦସ୍ୟତା ପାଇଁ ଆବେଦନ କରିଥିଲେ।

## ଏଥରର



- ଏକ ବର୍ଷ କେତେ ସପ୍ତାହ ?
- ସୌରଜଗତରେ ଲାଲ ଗ୍ରହ କାହାକୁ କହନ୍ତି ?
- ପ୍ରସିଦ୍ଧ ଚିତ୍ର ମୋନାଲିସାର ଚିତ୍ରକରଙ୍କ ନାମ ?
- ଟେଲିଫୋନ୍‌ର ଉଦ୍ଭାବକ ?
- ଆମେରିକାର ଜାତୀୟ ପତାକାରେ କେତୋଟି ତାରା ଚିହ୍ନ ଥାଏ ?

## ଗତଥରର

ଉ ତ ର

- ଅଙ୍ଗାରକାମ୍ଳ ଗ୍ୟାସ
- ଭିଟାମିନ୍ ବି
- କିଡ୍‌ନୀ
- ୧୦୦
- କୋଆଲା



## କହିଲ ଦେଖି

ବାରଟି ପାଖୁଡ଼ା ଥାଇ ଫୁଟେ ଏକ ଫୁଲ
ତିନିଶ ପଞ୍ଚଷଠି ଅଟେ ତା'ର ଯେ ମୂଳ
ପ୍ରଥମଟି ଜାନୁଆରି ଶେଷ ଡିସେମ୍ବର
ଏପରି ପାଖୁଡ଼ା ନାମ ଅଛି ଯେ ତାହାର
ଗୋଟିଏ ଶବ୍ଦରେ ତାକୁ ବୁଝିଥାଏ ନର
ତାହାର ନାମଟି କେହି କହିଲ ଏଥର ?

ଉତ୍ତର – **ବରଷ**




ମୋ ଭିତରେ ଆସିଥାଏ ଚାରି ପାଞ୍ଚଥର
ଥରକର ମୂଲ୍ୟ ସାତ ଅଟେ ଯେ ତାହାର
ସବୁମିଶି ମୁହିଁ ହୁଏ ତିରିଶ ମାତର
ମୋର ନାମଟିକୁ ପିଲେ କହିଲ ଏଥର ?

ଉତ୍ତର– **ମାସ**



କ୍ରମିକ ଭାବରେ ମୁହିଁ ଆସେ ସାତଥର
ପ୍ରତିଥର ଭିନ୍ନ ନାମେ ଜାଣନ୍ତି ଯେ ନର
ସବୁ ନାମ ମିଶିଗଲେ ହୁଏ ଭିନ୍ନ ନାଁ ମୋର
କହିଦେଲେ ନାମ ମୋର, ଦେବି ମୁହିଁ ବର
ସିଏ ହେବ ଶ୍ରେଷ୍ଠ ନର।

ଉତ୍ତର – **ସପ୍ତାହ**




ବର୍ଷକୁ ଛଅ ଥର ଧରାକୁ ଆସୁ
ଦିମାସ ରହିଲେ ଜଣିଏ ଖସୁ
ଛଅଟି ନାମରେ ଆମେ ନାମିତ
ପାଗ ଆମଠାରୁ ହୁଅଇ ଜାତ
କେଉଁ ନାମେ ଆମେ ହେଉ ନାମିତ ?
କହିଲ ଦେଖି ଆମ, ନାମ କିଏ ତ ?

ଉତ୍ତର– **ଋତୁ**



**– ଦୀନବନ୍ଧୁ ପୋଇ**
ଗୋରଡ଼ା ପାଳ, କରମୂଳ, ମହିମା ଗାଦି,
ଢେଙ୍କାନାଳ, ମୋ: ୯୯୩୮୮୦୨୪୧୨

# ବରଫର ରଙ୍ଗ ଧଳା କାହିଁକି



ପାଣିର ତିନୋଟି ରୂପ ଅଛି। ଏହାର ପ୍ରକୃତ ରୂପ ହେଲା ତରଳ। ଯଦି ଏହା ନିଆଁ ସଂସ୍ପର୍ଶରେ ଆସେ ତେବେ ତାହା ବାଷ୍ପୀୟ ଆକାର ଧାରଣ କରିଥାଏ। ପୁଣି ଶୂନ ଡିଗ୍ରୀରୁ ତଳକୁ ଖସିଗଲେ ତାହା ପାଲଟିଯାଏ ବରଫ। ସାଧାରଣତଃ ବରଫର ରଙ୍ଗ ଧଳା। ହେଲେ ଏହି ରଙ୍ଗ କଳା, ନୀଳ କି ହଳଦୀ ନ ହୋଇ ଧଳା ହେଲା କାହିଁକି ? ପାଣି କଠିନ ଅବସ୍ଥାକୁ ଆସିଗଲେ ଯଦି ତାହା ଉପରେ ଆଲୋକ ପଡ଼େ ତେବେ ତାହା ଧଳା ଦେଖାଯାଏ। ବେଳେବେଳେ ଆକାଶରୁ ତୁଷାରପାତ ହୋଇଥାଏ। ଏହା ଭୂପୃଷ୍ଠରେ ପଡ଼ିବା ପରେ ଆଲୋକ ସଂସ୍ପର୍ଶରେ ଆସିବା ଦ୍ୱାରା ତାହା ଧଳା ଦେଖାଯାଏ।

# କୋଇଲା ଧୂଆଁ



କୋଇଲା ଅନ୍ୟତମ ଖଣିଜ ଦ୍ରବ୍ୟ ଭାବରେ ପରିଚିତ। ଏହାର ବ୍ୟବହାର ବିଭିନ୍ନ କ୍ଷେତ୍ରରେ କରାଯାଇଥାଏ। ମାଟି ତଳେ ଗଚ୍ଛିତ ଥିବା ଏହି ଖଣିଜ ପଦାର୍ଥର ରଙ୍ଗ ହେଉଛି କଳା। କିନ୍ତୁ ଏହାକୁ ଜାଳିଲେ ତାହାର ରଙ୍ଗ କଳାରୁ ନାଲି ହୋଇଯାଏ। ସେଥିରୁ ନିର୍ଗତ ଧୂଆଁ କିନ୍ତୁ ଧଳା ହୋଇଥାଏ। ଯଦି କୋଇଲା ଅଳ୍ପ ଓଦା ଅଛି ତେବେ ତାହାକୁ ଜାଳିଲେ ଧଳା ଧୂଆଁ ବାହାରିଥାଏ। କିନ୍ତୁ ଏହି ଧୂଆଁରେ ବିଷାକ୍ତ ସଲଫାଇଡ୍ ଗ୍ୟାସ୍ ରହିଛି। ଏଭଳି ଧୂଆଁ ପରିବେଷକୁ ପ୍ରଦୂଷିତ କରିଥାଏ ଏବଂ ତାହାକୁ ଆମେ ଶ୍ୱାସକ୍ରିୟାରେ ନେଲେ ଛାତିଜନିତ ସମସ୍ୟାର ସମ୍ମୁଖୀନ ହୋଇଥାଉ। କିନ୍ତୁ ଯେତେବେଳେ କୋଇଲା ସହ କାଠକୁ ମିଶାଇ ଜଳାଯାଏ, ସେତେବେଳେ ସେଥିରୁ ବାହାରୁଥିବା ଧୂଆଁ ଆହୁରି ବିଷାକ୍ତ ଏବଂ ପରିବେଷକୁ ଅଧିକ ପରିମାଣରେ ପ୍ରଦୂଷିତ କରିଥାଏ। ଏହାଦ୍ୱାରା ଏୟାର କ୍ୱାଲିଟି ଗଭୀର ଭାବରେ ପ୍ରଭାବିତ ହୁଏ।

# ପାରସ ପଥର

ପିଲାଏ, ତୁମେମାନେ ତ ନିଶ୍ଚୟ ପଥର ଦେଖିଥିବ। ହେଲେ ପଥରଟିକୁ ଛୁଇଁଦେଲେ ତାହା କ'ଣ ସୁନାରେ ବଦଳିଯିବ ? ଏ କଥା ଅନେକଙ୍କୁ ଆଶ୍ଚର୍ଯ୍ୟ କରିବା ସ୍ୱାଭାବିକ। କିନ୍ତୁ ପୁରାଣରେ ଏଭଳି ପଥର ବିଷୟରେ ବର୍ଣ୍ଣନା ରହିଛି। ଥରେ ଜଣେ ଗରିବ ବ୍ରାହ୍ମଣ ନିଜର ଦାରିଦ୍ର୍ୟରେ ମ୍ରିୟମାଣ ହୋଇ ଏଥିରୁ ରକ୍ଷା ପାଇବା ଲାଗି ଶିବଙ୍କୁ ତପସ୍ୟା କଲେ। କିଛି ବର୍ଷ



କଠୋର ତପସ୍ୟା ପରେ ଶିବ ତାଙ୍କ ସମ୍ମୁଖରେ ଆବିର୍ଭାବ ହୋଇ ତାଙ୍କୁ ବରଦାନ ଦେଇ କହିଲେ, 'ତୁମେ ବୃନ୍ଦାବନର ସନାତନ ଗୋସ୍ୱାମୀଙ୍କ ନିକଟକୁ ଯାଅ ସେ ତୁମକୁ ଏଭଳି ପଥର ଦେବେ ଯାହାକୁ ଛୁଇଁବା ମାତ୍ରେ ତାହା ସୁନା ପାଲଟିଯିବ। ବ୍ରାହ୍ମଣ ଜଣକ ସେଠାକୁ ଯାଇ ଗୋସ୍ୱାମୀଙ୍କୁ ଭେଟି ତାଙ୍କୁ କହିବା ମୁତାବକ ମାଟି ଖୋଳି ପଥରଟିଏ ବାହାର କଲେ। ତାହାକୁ ସେ ଛୁଇଁବା ମାତ୍ରେ ତାହା ସୁନା ପାଲଟିଗଲା। କିନ୍ତୁ ବ୍ରାହ୍ମଣ ଜଣକ ତାହାକୁ ନ ଆଣି ନିକଟସ୍ଥ ପୋଖରୀରେ ଫୋପାଡି ସେହି ମଠରେ ସାଧୁ ଭାବରେ ରହିବାକୁ ସ୍ଥିର କରିଥିଲେ। ପୁଣି ଶୁଣିବାକୁ ମିଳେ ଯେ ମଧ୍ୟପ୍ରଦେଶର ରାଜଧାନୀ ଭୋପାଳଠାରୁ ୫୦ କି.ମି ଦୂରରେ ରାୟସେନ ନାମକ ସ୍ଥାନରେ ଏକ ଅଦ୍ଭୁତ ପଥର ଏବେ ମଧ୍ୟ ଅଛି। ଅତୀତରେ ଜଣେ ରାଜାଙ୍କ ନିକଟରେ ପାରସ ପଥର ଥିଲା। ସେ ଶୁଣିବାକୁ ପାଇଲେ ଯେ ଯଦି ସେ ଯୁଦ୍ଧରେ ହାରିଯାଆନ୍ତି ତେବେ ସେ ଏହାକୁ ହରାଇ ଦେବେ। ତେଣୁ ରାଜା ନିଜ ଗଡଖାଇରେ ପଥରଟିକୁ ଫୋପାଡି ଦେଇଥିଲେ। କିନ୍ତୁ ତା' ଭିତରେ ସେହି ପାରସ ପଥର ଅଛି କି ନାହିଁ ତାହାର ପ୍ରମାଣ ଏ ପର୍ଯ୍ୟନ୍ତ ମିଳିପାରିନାହିଁ।



# ଶୀତଦିନେ ଉଷୁମ ରହିବାର ଉପାୟ

## ମୋଟା ନା ପତଳା କମ୍ବଳ



ଶୀତଦିନେ ଗୋଟିଏ ମୋଟା କମ୍ବଳ ପରିବର୍ତ୍ତେ ଦୁଇଟି ପତଳା କମ୍ବଳ ଘୋଡେଇ ଶୋଇଲେ ଅଧିକ ଉଷୁମ ଜଣାପଡ଼େ । ପ୍ରକୃତରେ ଦୁଇଟି କମ୍ବଳ ମଧ୍ୟରେ ବାୟୁର ଏକ ସ୍ତର ଚାପି ହୋଇ ରହିଥାଏ । ବାୟୁ ତାପର ଏକ ଭଲ କୁପରିବାହୀ ପଦାର୍ଥ । ତେଣୁ ଦୁଇଟି ଅଲଗା କମ୍ବଳ କ୍ଷେତ୍ରରେ ଏକ ଅଧିକ ତାପ କୁପରିବାହୀ ମାଧ୍ୟମ 'ବାୟୁ' ରହିଥାଏ । ଫଳରେ ଶରୀରରୁ ତାପ ଏହି କୁପରିବାହୀ ମାଧ୍ୟମ ଅତିକ୍ରମ କରି ସହଜରେ ପଦାକୁ ସ୍ଥାନାନ୍ତରିତ ହୋଇପାରେ ନାହିଁ ଓ ଶରୀରକୁ ବେଶ୍ ଉଷୁମ ଜଣାପଡ଼େ ।

## ଇଗଲୁ

ଉତ୍ତରମେରୁ ଅଞ୍ଚଳରେ, ବିଶେଷକରି ଗ୍ରୀନଲାଣ୍ଡ ଦେଶରେ ବାସ କରୁଥିବା ଇନୁଇଟ (ଏସ୍କିମୋ) ସମ୍ପ୍ରଦାୟର ଲୋକମାନେ ରହିବା ପାଇଁ ବରଫରେ ଘର ତିଆରି କରିଥାନ୍ତି । ଏହାର ନାମ ଇଗଲୁ । ଏହି ଘରଟି ବରଫରେ ତିଆରି ହେଲେ ସୁଦ୍ଧା ଉଷୁମ ରହିଥାଏ। ଏସ୍କିମୋ ପରିବାର ଏହି ଘର ମଧ୍ୟରେ ସାରା ଶୀତଋତୁଟା ଆରାମରେ ବିତାଇ ଥାନ୍ତି । ପ୍ରକୃତରେ ବରଫ ତାପର ଏକ କୁପରିବାହୀ ପଦାର୍ଥ । ଫଳରେ ଇଗଲୁ ଘର ଭିତରର ତାପ ବରଫ ଆସ୍ତରଣ ଭେଦକରି ପଦାକୁ ଯାଇପାରେ ନାହିଁ ଏବଂ ଘରର ତାପ ସେହି ଘର ଭିତରେ ହିଁ ଆବଦ୍ଧ ହୋଇ ରହିଯାଏ । ସୁତରାଂ ଏଭଳି ଘର ବରଫରେ ତିଆରି ହେଲେ ସୁଦ୍ଧା ଉଷୁମ ରହିଥାଏ ।



## ନଡ଼ା ଛପର ମାଟିଘର

ଶୀତଦିନେ ନଡ଼ା ଛପର ମାଟିଘର କୋଠାଘର ତୁଳନାରେ ଉଷୁମ ଜଣାପଡ଼େ । ମାଟି ତାପର କୁପରିବାହୀ ପଦାର୍ଥ ହୋଇଥିବାରୁ ଘର ଭିତରର ତାପ ପଦାକୁ ସ୍ଥାନାନ୍ତରିତ ହୋଇପାରେ ନାହିଁ ଏବଂ ଶୀତଦିନେ ଏଭଳି ଘର ବେଶ୍ ଉଷୁମ ରହିଥାଏ । ଅନ୍ୟପକ୍ଷରେ କୋଠାଘରର କଂକ୍ରିଟ ଛାତ ତାପର ଭଲ ସୁପରିବାହୀ ପଦାର୍ଥ ହୋଇ ଥିବାରୁ ଏହି ମାଧ୍ୟମ ଦେଇ ପଦାକୁ ତାପର କ୍ରମାଗତ ଅପଚୟ ଘଟୁଥାଏ । ଫଳରେ ଏଭଳି ଘର ଶୀତଦିନେ ଶୀତଳ ଓ ଅଶ୍ୱସ୍ତିକର ଜଣାପଡେ।

## ପକ୍ଷୀମାନେ ନିଜର ପରକୁ ଫୁଲାନ୍ତି କାହିଁକି



ଶୀତପ୍ରଧାନ ଦେଶର ପକ୍ଷୀମାନେ ପ୍ରଚଣ୍ଡ ଶୀତରୁ ରକ୍ଷାପାଇବା ନିମନ୍ତେ ନିଜର ପରକୁ ଥଣ୍ଟ ସାହାଯ୍ୟରେ ଖୁମ୍ପି ଖୁମ୍ପି ଫୁଲାଇ ଥାନ୍ତି । ଫଳରେ ସେମାନଙ୍କ ପର ମଧ୍ୟରେ ଯଥେଷ୍ଟ ଫାଙ୍କ ସ୍ଥାନ ସୃଷ୍ଟି ହୁଏ, ଯାହା ମଧ୍ୟରେ କିଛି ବାୟୁ ଚାପି ହୋଇ ରହିଯାଏ । ଏହାଦ୍ୱାରା ପକ୍ଷୀର ଶରୀର ଚାରିପଟେ ବାୟୁର ଏକ କୁପରିବାହୀ ଆସ୍ତରଣ ଘେରି ରହେ, ଯାହା ଏହାର ଶରୀରରୁ ପଦାକୁ ତାପ ଅପଚୟ ରୋକିଥାଏ । ଫଳରେ ଏହି ପକ୍ଷୀମାନେ ଶୀତଦିନର ପ୍ରଚଣ୍ଡ ଶୀତ ସହି ବଞ୍ଚିଯାଇ ପାରନ୍ତି।

**–ନିକୁଞ୍ଜ ବିହାରୀ ସାହୁ,**
ଏଜୁକେଶନ ଅଫିସର,
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର,
ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୯୧୭୬୩୭୯୭୪



# ଆ ଇ ନା



ଗୀତିଶ୍ରୀ ରାଉତ
୭ ବର୍ଷ / କଟକ



ରିଦ୍ଧି ସାମନ୍ତରାୟ
୫ ବର୍ଷ / ଭୁବନେଶ୍ୱର